# ବାଲେଶ୍ୱରରେ ଖୋଲିଲା ଫେନେଷ୍ଟାର ନୂଆ ସୋ'ରୁମ୍

॥ ପ୍ରଭାନ୍ୟୁଜ ॥ ଭୁବନେଶ୍ୱର,୫।୪: ଭାରତର ସର୍ବବୃହତ ଝରକା ଓ କବାଟ ବ୍ରାଣ୍ଡ୍ ଫେନେଷ୍ଟା ତରଫରୁ ବାଲେଶ୍ୱରର ରେମୁଣା ଗୋଲେଇ ଠାରେ ଏହାର ସ୍ୱତନ୍ତ୍ର ନୂଆ ସୋ'ରୁମ୍ ସିଦ୍ଧ ମହାବୀର ଆସୋସିଏଟସ୍ ଖୋଲାଯାଇଛି । ଏହି ଷ୍ଟୋର୍‌ରେ ଗ୍ରାହକମାନେ ୟୁପିଭିସି ଝରକା ଓ କବାଟ କିଣିପାରିବେ । ଏହି ଅବସରରେ ଶ୍ରୀଯୁକ୍ତ ସାକେତ ଜୈନ, ବ୍ୟବସାୟ ମୁଖ୍ୟ, ଫେନେଷ୍ଟା କହିଛନ୍ତି ଯେ, "ଏକ ଗ୍ରାହକ କୈନ୍ଦ୍ରୀକ ବ୍ରାଣ୍ଡ୍ ଭାବେ ଫେନେଷ୍ଟା ଗ୍ରାହକଙ୍କ ନିକଟତର ହେବାକୁ ଚାହେଁ । ନୂଆ ଉତ୍ପାଦ ସମ୍ପ୍ରସାରଣ ଓ ଆମ ନେଟୱର୍କରେ ଅଧିକ ସୋ'ରୁମ୍ ଯୋଗ କରି ଆମେ ସେହି କାର୍ଯ୍ୟ କରୁଛୁ । ଆମର ୭୦୦ରୁ ଅଧିକ ପ୍ରକାରର ଥିବା ପରିବେଶ ମିତବ୍ୟୟୀ, ଗ୍ରାହକଙ୍କୁ ସୁହାଇବା ଭଳି ଉତ୍ପାଦ ପ୍ରଦାନ କରୁଛି ଯାହା ସେମାନଙ୍କ ରହିବା ସ୍ଥାନକୁ ବର୍ଷା, ଧୂଳି, ଶବ୍ଦ ଓ ପ୍ରଦୂଷଣରୁ ସୁରକ୍ଷା ପ୍ରଦାନ କରିଥାଏ । ଫେନେଷ୍ଟା ସୋ'ରୁମ୍ ଏଭଳି ଏକ ସ୍ଥାନ ଯେଉଁ ଠାରେ ଗ୍ରାହକମାନେ ଏସବୁକୁ ଅନୁଧ୍ୟାନ କରିବେ, ବିଶେଷଜ୍ଞଙ୍କ ସହ ଆଲୋଚନା କରିପାରିବେ ଏବଂ ସଠିକ୍ ସମାଧାନ ହାସଲ କରିପାରିବେ । ଆମର ଲକ୍ଷ୍ୟ ହେଉଛି ଚଳିତ ବର୍ଷ ଶେଷ ସୁଦ୍ଧା ଅଧିକ ସୋ'ରୁମ୍ ଖୋଲି ଜାତୀୟ ସ୍ତରରେ ଅଧିକ ଲୋକଙ୍କ ପାଖରେ ପହଂଚିବା ଏବଂ ଆମର ବଜାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ।" ଏହି ସୋ'ରୁମ୍ ଜରିଆରେ ଫେନେଷ୍ଟା ଏହାର ପୁରୁଣା ଓ ସମ୍ଭାବ୍ୟ ଗ୍ରାହକଙ୍କୁ ଅଭିନବ କିଣାକିଣି ଅନୁଭୂତି ପ୍ରଦାନ କରିବ । ଭାରତରେ ୟୁପିଭିସି ଝରକା ଓ କବାଟ ବଜାର ଦ୍ରୁତ ଗତିରେ ଆଗକୁ ବଢୁଥିବାରୁ କଂପାନି ଏହାର ବଜାର ଅଂଶକୁ ଭବିଷ୍ୟତରେ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଶ୍ରୀ ଜୈନ କହିଛନ୍ତି ଯେ, ଉନ୍ନତ ମାର୍କେଟିଂ ରଣନୀତି, ବିଭିନ୍ନ ପ୍ରକାରର ଉତ୍ପାଦ ଏବଂ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ସଂପ୍ରସାରଣ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ଫେନେଷ୍ଟା ହେଉଛି ଭାରତର ଏକମାତ୍ର କଂପାନି ଯାହା ୟୁପିଭିସି ପ୍ରସ୍ତୁତି ଠାରୁ ଆରମ୍ଭ କରି ତାହାର ମାର୍କେଟିଂ କରିବା, ଗ୍ରାହକଙ୍କ ପାଖରେ ପହଂଚି ତାହାକୁ ସ୍ଥାପନ କରିବା ଏବଂ ବିକ୍ରି ପରବର୍ତି ସେବା ପ୍ରଦାନ କରୁଛି । କଂପାନିର ଉତ୍ପାଦଗୁଡ଼ିକ ବ୍ରିଟେନ ଓ ଅଷ୍ଟ୍ରିଆରେ ଡିଜାଇନ୍ କରାଯାଉଛି । ଉତ୍ପାଦଗୁଡ଼ିକୁ ପ୍ରତିଟି ସ୍ତରରେ ଗୁଣାତ୍ମକ ମାନ ପରୀକ୍ଷା କରାଯାଉଛି । ଏହା ଦେଶର ବିଲଡର୍, ସ୍ଥପତି ଏବଂ ଇଣ୍ଟେରିୟର ଡିଜାଇନରଙ୍କ ମଧ୍ୟରେ ଫେନେଷ୍ଟାର ଉତ୍ପାଦଗୁଡ଼ିକ ବେଶ ଲୋକପ୍ରିୟ ।